ରାଜସାକ୍ଷୀ ବାଡ଼ଗେଙ୍କର ଅସ୍ତ୍ରଶସ୍ତ୍ରରେ ଚୋରା ବେପାର

ଆଶ୍ରୟପ୍ରାର୍ଥୀଙ୍କୁ ସାହାଯ୍ୟ କରିବାକୁ କରକରେ ନୂଆଖାଲି ଯାଇଥିଲେ

ହାତବୋମା କପରି ଫୁଟାଯାଏ, ଶ୍ରୀ ବାଡ଼ଗେ ବୁଝାଇଲେ

ଗାନ୍ଧି-ହତ୍ୟା ମକଦ୍ଦମା ଶୁଣାଣି

ଦିଲ୍ଲୀ, ତା ୨୮।୭—ଆଜି ଗାନ୍ଧି-ହତ୍ୟା ମକଦ୍ଦମାର ଶୁଣାଣି ହୋଇଥିଲା । ଅଭିଯୁକ୍ତ ମହାରାଜଙ୍କ ଘର ସମ୍ବନ୍ଧରେ ରାଜସାକ୍ଷୀ ଶ୍ରୀ ବାଡ଼ଗେଙ୍କୁ ଆସାମୀ ପକ୍ଷରୁ ଜେରା ହୋଇଥିଲା । ଶ୍ରୀ ଯମୁନାଦାସ ମେହେତା, ଅଭିଯୁକ୍ତ ମହାରାଜଙ୍କ ଘରର ଗୋଟିଏ ନକ୍ସା ଅଦାଲତ ଆଗରେ ଉପସ୍ଥାପିତ କରିଥିଲେ । ଭାରତ ସରକାରଙ୍କ ଆଇନ ବିଭାଗ ସଭ୍ୟ ଡକ୍ଟର ଆମ୍ବେଦକର ଓ ତାଙ୍କ ସହଧର୍ମିଣୀ ଆଉ ବିଶିଷ୍ଟ ଦର୍ଶକରୂପେ ଅଦାଲତରେ ଉପସ୍ଥିତ ଥିଲେ । ନିଜେ ରାଜସାକ୍ଷୀ ଶ୍ରୀ ବାଡଗେ, ଅଭିଯୁକ୍ତ ମହାରାଜଙ୍କ ଘରର ଗୋଟିଏ ନକ୍ସା ଆଙ୍କିଥିଲେ ଓ ଜାନୁଆରୀ ୧୪ ତାରିଖ ଦିନ କେଉଁ ଦୁଆର ବାଟେ ସେ ଘରକୁ ଯାଇ ହାତବୋମା ଓ ବାରୁଦ ପିସ୍ତଲ ବ୍ୟାଗ ସେଠାରେ ରଖିଥିଲେ ତାହା ଦର୍ଶାଇଥିଲେ ।

ସାକ୍ଷୀ କହିଲେ ଯେ ସେଦିନ ତାଙ୍କ ସାଙ୍ଗରେ ଶ୍ରୀ ନାଥୁରାମ ଗଡ଼ସେ, ଶ୍ରୀ ଆପ୍ଟେ ଓ ଶଙ୍କର ଥିଲେ । ଗୃହର ଦୁଆର ଅତିକ୍ରମ କଲାପରେ ଗୋଟିଏ ହଲ ପଡ଼ିଲା । ସେହି ହଲରେ ଶଙ୍କର ଅପେକ୍ଷା କଲେ ଓ ଅନ୍ୟ ସମସ୍ତେ ଭିତରକୁ ଗଲେ । ଶ୍ରୀ ବାଡ଼ଗେ ନିଜେ ଅଭିଯୁକ୍ତ ମହାରାଜଙ୍କ ଗୃହକୁ ବ୍ୟାଗଟି ଦେଲେ ଓ ତହିଁ ଆରଦିନ ସକାଳେ ଆସି ତାକୁ ନେଇଯିବେ ବୋଲି କହିଲେ ।

ଶ୍ରୀ ମଙ୍ଗଲେ—ଭାରତ ସରକାର ପାକିସ୍ଥାନକୁ ପଞ୍ଚାବନ କୋଟି ଟଙ୍କା ନ ଦେବାକୁ ସ୍ଥିର କରିଛନ୍ତି ବୋଲି ଜାନୁଆରୀ ପନ୍ଦର ତାରିଖ ସକାଳେ ଶ୍ରୀ ଆପ୍ଟେ ତୁମକୁ ବମ୍ବେ ହିନ୍ଦୁ ମହାସଭା ଅଫିସରେ କହିଥିଲେ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—ପାକିସ୍ଥାନକୁ ପଞ୍ଚାବନ କୋଟି ଟଙ୍କା ଦେବାକୁ ଭାରତ ସରକାରଙ୍କୁ ବାଧ୍ୟ କରିବାକୁ ମହାତ୍ମାଗାନ୍ଧି ଅନଶନ କଲେ ବୋଲି ଶ୍ରୀ ଆପ୍ଟେ ତୁମକୁ କହିଥିଲେ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—ମହାତ୍ମା ଗାନ୍ଧିଙ୍କର ଏପରି କାର୍ଯ୍ୟକଳାପ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଦିଲ୍ଲୀ ଯିବା ଦରକାର ବୋଲି ସେ ତୁମକୁ କହିଥିଲେ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—ଦିଲ୍ଲୀ ଯିବାପାଇଁ ତୁମର ସବୁ ଖର୍ଚ୍ଚ ସେ ବହନ କରିବେ ବୋଲି କହିଥିଲେ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—କେବଳ ତାଙ୍କୁ ସାହାଯ୍ୟ କରିବା ପାଇଁ ନୁହେଁ, ତୁମ ଅସ୍ତ୍ରଶସ୍ତ୍ର ବିକ୍ରି ବନ୍ଦୋବସ୍ତ ପାଇଁ ତୁମେ ଦିଲ୍ଲୀ ଯିବ ବୋଲି ତାକୁ କହିଥିଲ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—ତୁମେ ସେଇକାର୍ଯ୍ୟ ପାଇଁ ଅସ୍ତ୍ରଶସ୍ତ୍ର ଆଣି ଅଭିଯୁକ୍ତ ମହାରାଜଙ୍କ ଘରେ ରଖିଛ ଏବଂ ସେ ସବୁକୁ ଦିଲ୍ଲୀ ନେଇଯିବ ବୋଲି ତାଙ୍କୁ କହିଥିଲ ?

ସାକ୍ଷୀ—ନାଁ ।

ଶ୍ରୀ ନାଥୁରାମ ଗଡ଼ସେଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା ବୋଲି ସାକ୍ଷୀ କହିଥିଲେ ।

ଶ୍ରୀ ମଙ୍ଗଲେ—ଶ୍ରୀ ନାଥୁରାମ ଗଡ଼ସେଙ୍କ ହସ୍ତାକ୍ଷରକୁ ତୁମେ ଚିହ୍ନି ପାରିବ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—ତାଙ୍କ ଦସ୍ତଖତକୁ ତୁମେ ଚିହ୍ନି ପାରିବ ?

ସାକ୍ଷୀ—ନାଁ ।

ଶ୍ରୀ ମଙ୍ଗଲେ—ହାତବୋମାର ପରିଧି କେତେ, ତୁମେ କହି ପାରିବ ?

ସାକ୍ଷୀ—ବିରଲା ଭବନରେ ଗାନ୍ଧିଜୀ ରହୁଥିବା କୋଠରୀର ଝରକାବାଟ ଯେଉଁ ଖଣ୍ଡକରେ ଶ୍ରୀ ଆପ୍ଟେ ମାପିଥିଲେ, ତା ହାତବୋମାର ପରିଧି ହେବ, ମୁଁ କିନ୍ତୁ ତା ଜାଣି ନାହିଁ ।

ଶ୍ରୀ ମଙ୍ଗଲେ—ତୁମେ ହାତବୋମାର ବ୍ୟବହାର ଜାଣ ?

ହିନ୍ଦୁ ମହାସଭା ଅଫିସ ପଛପଟେ ଜଳିତ ହାତବୋମା ବିସ୍ଫୋରିତ କରାଯାଇ ଥିଲା । ତାକୁ ହାତରେ ଚାପିଧରି ସେଥିରେ ଲାଗିଥିବା ସୂତାକୁ ଭିଡ଼ିଦେଲେ ତା ଫୁଟିବ ବୋଲି ସାକ୍ଷୀ ଦେଖାଇ ଥିଲେ ।

ଶ୍ରୀ ମଙ୍ଗଲେ—ସ୍ପ୍ରିଙ୍ଗକୁ ନ ଚିପି ଖାଲି ସୂତା ଚିପିଦେଲେ କଣ ହେବ ?

ସାକ୍ଷୀ—ତା'ହେଲେ, ତା ସଙ୍ଗେ ସଙ୍ଗେ ହାତରେ ଫୁଟିବ ଓ ଫୁଟାଉଥିବା ଲୋକ ମରିଯିବ ।

ସ୍ପ୍ରିଙ୍ଗକୁ ଚାପି ଧରିବା ସଙ୍ଗେ ସଙ୍ଗେ ତା ଉପରେ ଝରକାବାଟେ ପଶି ପାରିବ, ସେ ବିଷୟରେ ଆସାମୀ ପକ୍ଷର ଓକିଲ ସନ୍ଦେହ ପ୍ରକାଶ କରିବାରୁ ଶ୍ରୀ ଆପ୍ଟେ ତାହା ଦେଖାଇ ଥିଲେ । ବିଚାରପତି କହିଲେ ଯେ ଝରକାବାଟ ଉପରେ ହାତ ଗଳାଇବା ଦରକାର ନାହିଁ । ତାକୁ ଧରି ତାକୁ ଝରକାବାଟ ଭିତରେ ପୁରାଇଲେ ମନକୁ ସ୍ପ୍ରିଙ୍ଗ ଚିପି ହୋଇଯିବ ଓ ହାତବୋମା ଫୁଟିବ । ତା ପରେ ଆସାମୀ ଶ୍ରୀ କରକରେଙ୍କ ଓକିଲ ଶ୍ରୀ ଡାଙ୍ଗେ ସାକ୍ଷୀଙ୍କୁ ଜେରା କରିଥିଲେ ଓ ସାକ୍ଷୀଙ୍କ ଶରୀର ଓ ମନ ଭଲ ଅଛିକି ନାହିଁ ବୋଲି ପଚାରିଥିଲେ । ଭଲ ନାହିଁ ବୋଲି ସାକ୍ଷୀ କହିଥିଲେ ।

ଜେରାର ଉତ୍ତରରେ ସାକ୍ଷୀ କହିଲେ ଯେ ସେ ପ୍ରଥମେ କଂଗ୍ରେସ ସଭ୍ୟ ଥିଲେ ଏବଂ ପରେ ହିନ୍ଦୁ ମହାସଭାରେ ଯୋଗ ଦେଲେ । କିନ୍ତୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକଳାପରେ ସେ କେବେ ଯୋଗଦେଇ ନ ଥିଲେ । କଂଗ୍ରେସ ୧୯୪୨ରେ 'ଭାରତ ଛାଡ଼' ଆନ୍ଦୋଳନ ଆରମ୍ଭ କରିଛି ଓ ସରକାରଙ୍କ ଯୁଦ୍ଧ ଉଦ୍ୟମରେ ଅସହଯୋଗ କରିଛି ବୋଲି ସେ ଶୁଣିଥିଲେ । ହିନ୍ଦୁ ମହାସଭା ଯୁଦ୍ଧ ଉଦ୍ୟମରେ ସହଯୋଗ କରୁଥିଲେ ବୋଲି ସେ ଜାଣିଥିଲେ । ଅହମଦାବାଦରେ ଶ୍ରୀ କରକରେଙ୍କର ହୋଟେଲ ଅଛି ବୋଲି ସାକ୍ଷୀ ଶ୍ରୀ ଆପ୍ଟେ ଓ ଶ୍ରୀ ଗଡ଼ସେଙ୍କଠାରୁ ଶୁଣିଥିଲେ । ବିନା ପଇସାରେ ହିନ୍ଦୁ ଆଶ୍ରୟପ୍ରାର୍ଥୀମାନେ ସେ ହୋଟେଲରେ ରହୁଥିଲେ ଓ ଖାଉଥିଲେ । ହିନ୍ଦୁ ଆଶ୍ରୟପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବାପାଇଁ ଶ୍ରୀ କରକରେ ନୂଆଖାଲି ଯାଇଥିଲେ ଓ ସାକ୍ଷୀଙ୍କଠାରୁ ଏକଶହ ଛୁରୀ କିଣିଥିଲେ । ଲୋକେ ଆତ୍ମରକ୍ଷା ପାଇଁ ତାଙ୍କ ଦୋକାନରୁ ଅସ୍ତ୍ରଶସ୍ତ୍ର କିଣନ୍ତି ବୋଲି ସାକ୍ଷୀଙ୍କର ଧାରଣା ଥିଲା ।

ସାକ୍ଷୀ କହିଲେ ଯେ ସେ କଂଗ୍ରେସରେ ପାଞ୍ଚବର୍ଷ ଥିଲେ, କିନ୍ତୁ କଂଗ୍ରେସର ନୀତିରେ ତାଙ୍କ ମନ ନ ମାନିବାରୁ କଂଗ୍ରେସ ଛାଡ଼ିଦେଲେ ।

ଜାନୁଆରୀ ୧୫ ତାରିଖ ଦିନ ହିନ୍ଦୁ ମହାସଭା ଅଫିସରୁ ଶ୍ରୀ ଗଡ଼ସେ, ଶ୍ରୀ ଆପ୍ଟେ ଓ ଶ୍ରୀ କରକରେଙ୍କ ସହିତ ସାକ୍ଷୀ ଶିବାଜୀ ଛାପାଖାନାକୁ ଯାଇଥିଲେ ବୋଲି କହିଲେ ।

ଶ୍ରୀ ଡାଙ୍ଗେ—ତୁମକୁ ବାହାରେ ଅପେକ୍ଷା କରାଇ ସେମାନେ ଭିତରକୁ ଚାଲିଯିବାରେ ତୁମେ ନିଜକୁ ଅପମାନିତ ଅନୁଭବ କରି ନ ଥିଲ ?

ସାକ୍ଷୀ—ନାଁ ।

ଶ୍ରୀ ଡାଙ୍ଗେ—ପୁନାରେ ବ୍ରାହ୍ମଣ ଓ ଅବ୍ରାହ୍ମଣଙ୍କ ଭିତରେ କଳି ରହିଛି ବୋଲି ତୁମେ ଜାଣ ?

ସାକ୍ଷୀ—କୋଡ଼ିଏ ବର୍ଷ ତଳେ ତା ଆରମ୍ଭ ହୋଇଥିଲା । ମହାତ୍ମା ଗାନ୍ଧିଙ୍କ ହତ୍ୟା ପରେ ତା ପୁଣି ଆରମ୍ଭ ହେଲା ।

ସାକ୍ଷୀ କହିଲେ ଯେ ତାଙ୍କ କାର୍ଯ୍ୟକଳାପ ବିଷୟରେ ସେ ଏକ ଡାଏରୀ ରଖିଥିଲେ । କିନ୍ତୁ ମହାତ୍ମା ଗାନ୍ଧିଙ୍କ ହତ୍ୟାପରେ ତାକୁ ସେ ଭୟରେ ପୋଡ଼ିଦେଲେ ।

ଶ୍ରୀ ଡାଙ୍ଗେ—ତୁମ ଚୋରା ବ୍ୟବସାୟ ବିଷୟରେ ତୁମେ ଡାଏରୀରେ ଲେଖୁଥିଲ ?

ସାକ୍ଷୀ—ନାଁ ।

ଆସନ୍ତା କାଲି ଦିନ ଦଶଟାକୁ ଶୁଣାଣି ମୁଲତବୀ ରହିଲା । (ୟୁ, ପି,)

——

ଆନ୍ତର୍ଜାତିକ ସ୍ୱାସ୍ଥ୍ୟଗଠନ

ମହୀଶୂରରେ ଆଞ୍ଚଳିକ ଶାଖା ସ୍ଥାପିତ ହେବ

ନୂଆଦିଲ୍ଲୀ, ତା ୨୮।୭—ଜଣାଯାଇଛି ଯେ ଆନ୍ତର୍ଜାତିକ ସ୍ୱାସ୍ଥ୍ୟସଂଗଠନର ଯେଉଁ ଶାଖା ଭାରତରେ ରହିବ ତାହାର କାର୍ଯ୍ୟାଳୟ ମହୀଶୂରରେ ସ୍ଥାପିତ ହେବ । ଏହା ଦକ୍ଷିଣ-ପୂର୍ବ ଏସିଆ ପାଇଁ ସ୍ୱାସ୍ଥ୍ୟ ସଂଗଠନର ଆଞ୍ଚଳିକ ଶାଖା ରୂପେ କାର୍ଯ୍ୟ କରିବ । ଭାରତର ସ୍ୱାସ୍ଥ୍ୟ-ବିଭାଗ ମନ୍ତ୍ରୀ ରାଜକୁମାରୀ ଅମୃତକାଉର ଜେନେଭାଠାରେ ହୋଇଥିବା ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସମ୍ମିଳନୀରେ ଯୋଗଦେଇ ବର୍ତ୍ତମାନ ଦିଲ୍ଲୀ ଫେରିଛନ୍ତି । ତାଙ୍କଠାରୁ ପ୍ରକାଶ ଯେ ଭାରତରେ ସ୍ୱାସ୍ଥ୍ୟସଂଗଠନର ଯେଉଁ ଆଞ୍ଚଳିକ ଶାଖା ରହିବ ତାହା ଆଗାମୀ ବର୍ଷ ପ୍ରାରମ୍ଭରୁ କାର୍ଯ୍ୟ ଆରମ୍ଭ କରିବ । ଏହି ସଂଗଠନ ସହିତ ଶ୍ୟାମ, ବର୍ମା, ସିଂହଳ ଯୋଗ ଦେଇଛନ୍ତି ଏବଂ ଆଫଗାନିସ୍ଥାନ ଓ ମାଲ୍ଦ୍ୱୀପ ମଧ୍ୟ ଯୋଗଦେବାର ସମ୍ଭାବନା ଅଛି । କେବଳ ପାକିସ୍ଥାନ ମଧ୍ୟ-ପୂର୍ବାଞ୍ଚଳ ଦେଶମାନଙ୍କ ସହିତ ରହିବାପାଇଁ ଇଚ୍ଛା ପ୍ରକାଶ କରିଛି । ଏହିସବୁ ଦେଶମାନଙ୍କର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀ ଆଗାମୀ ଅକ୍ଟୋବର ମାସରେ ଭାରତରେ ଡକାଯିବ ବୋଲି ରାଜକୁମାରୀ ଅମୃତ କାଉର ପ୍ରକାଶ କରିଛନ୍ତି । ତାଙ୍କ ବିବୃତିରୁ ପ୍ରକାଶ ଯେ ଏହି ସଂଗଠନରେ ବାର୍ଷିକ ଦେଢ଼ଲକ୍ଷ ଡଲାର ଖର୍ଚ୍ଚ ହେବ ।

——

ଜୁନାଗଡ଼ରେ ଖାଦ୍ୟ ଅନାଟନ

ଜୁନାଗଡ଼, ତା ୨୭।୭—ଜୁନାଗଡ଼ର ସରୋଦ୍ଧ ବିଭାଗ ମନ୍ତ୍ରୀ ଶ୍ରୀ ସାମଲ ଦାସ ଗାନ୍ଧି ଜୁନାଗଡ଼ର ଖାଦ୍ୟ ଅଭାବ ବିଷୟ ଆଲୋଚନା କରିବା ପାଇଁ ଗତକାଲି ଉପର ବେଳା ଦିଲ୍ଲୀ ଗଲେ । ସୌରାଷ୍ଟ୍ର ୟୁନିଅନ ସହିତ ଜୁନାଗଡ଼ ସାମିଲ ହେବା ବିଷୟରେ ମଧ୍ୟ ସେ ଆଲୋଚନା କରିବେ ବୋଲି ଜଣାଯାଇଛି ।

—— (ୟୁ, ପି)

ପଶ୍ଚିମ ଇଉରୋପୀୟ ରାଜ୍ୟମାନଙ୍କ ନୂଆ ଯୋଜନା

ଜର୍ମାନୀ ସଙ୍କଟ ତଥା ଜର୍ମାନୀର ଅନ୍ୟାନ୍ୟ ସମସ୍ୟା ଏବଂ ପୂର୍ବ ଓ ପାଶ୍ଚାତ୍ୟର ସମସ୍ୟା ସମାଧାନ ପାଇଁ ମାର୍ଶାଲ ଷ୍ଟାଲିନଙ୍କ ସଙ୍ଗେ କଥାବାର୍ତ୍ତା ହେବ

ପଶ୍ଚିମ ଜର୍ମାନୀ ଶାସନବିଧାୟକ ସଭା ସମ୍ପର୍କରେ କାମ ଆଗେଇ ଚାଲିଛି

ଲଣ୍ଡନ, ତା ୨୭।୭—ଜର୍ମାନୀ ସମ୍ପର୍କରେ ରୁଷ ଓ ପଶ୍ଚିମ ୟୁରୋପୀୟ ରାଜ୍ୟମାନଙ୍କ ଭିତରେ ବର୍ତ୍ତମାନ ଯେଉଁ ବିବାଦ ଲାଗିଛି ସେ ସମ୍ପର୍କରେ ରୁଷ ନେତା ଷ୍ଟାଲିନଙ୍କ ସଙ୍ଗେ ସିଧାସଳଖ କଥାବାର୍ତ୍ତା କରିବା ପାଇଁ ୱାଶିଂଟନ୍ ଠାରେ ଯେଉଁ ଆଲୋଚନା ହୋଇଥିଲା ଗତକାଲି ଲଣ୍ଡନରେ ମିଃ ବେଭିନ୍ ଓ ଆମେରିକା ଯୁକ୍ତରାଷ୍ଟ୍ରର କୂଟନୀତିଜ୍ଞଙ୍କ ଭିତରେ ହୋଇଥିବା କଥାବାର୍ତ୍ତାରେ ତାହା ପୁଣି ଆଲୋଚିତ ହୋଇଥିଲା । ଷ୍ଟାଲିନଙ୍କ ସଙ୍ଗେ ସିଧାସଳଖ କଥାବାର୍ତ୍ତା ହେବାର ଉଦ୍ଦେଶ୍ୟ ହେଉଛି, ବର୍ଲିନ ସଙ୍କଟ ତଥା ସମସ୍ତ ଜର୍ମାନୀ ସମସ୍ୟା ଏବଂ ଶେଷରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭିତରେ ଥିବା ସମସ୍ତ ମତଭେଦ ସମାଧାନ କରିବା ଦିଗରେ ଏକ ପନ୍ଥା ନିର୍ଦ୍ଧାରଣ କରିବା । ମାର୍ଶାଲ ଷ୍ଟାଲିନଙ୍କ ସଙ୍ଗେ ଯେଉଁ ସବୁ ବିଷୟରେ କଥାବାର୍ତ୍ତା ହେବ, ସେ ସମ୍ପର୍କରେ ଆଜିର ବୈଠକରେ ଜର୍ମାନୀ ବିଶେଷଜ୍ଞମାନେ ଏକ ତାଲିକା କରୁଛନ୍ତି ଏବଂ ଯଦି ସେମାନଙ୍କର ଅନୁରୋଧ ରକ୍ଷା କରା ନ ଯାଏ ତାହେଲେ କଣ କରିବାକୁ ହେବ ତା ମଧ୍ୟ ସେମାନେ ଆଲୋଚନା କରୁଛନ୍ତି ।

ଜର୍ମାନୀ ପାଇଁ ଶାସନବିଧାୟକ ସଭା

ଗତକାଲି ପଶ୍ଚିମ ୟୁରୋପୀୟ ରାଜ୍ୟମାନଙ୍କର ସାମରିକ ଲାଟ ଓ ୧୧ଜଣ ଜର୍ମାନ ପ୍ରଧାନମନ୍ତ୍ରୀଙ୍କ ଭିତରେ ଯେଉଁ ଚୁକ୍ତି ହୋଇଛି ତାପରେ ଜର୍ମାନୀ ବିଶେଷଜ୍ଞମାନେ ପଶ୍ଚିମ ଜର୍ମାନୀ ଶାସନବିଧାୟକ ସଭା ଯେପରି ସେପ୍ଟେମ୍ବର ପହିଲା ଭିତରେ ଡକାଯାଇ ପାରିବ ସେଥିପାଇଁ ଏକ ଘୋଷଣାପତ୍ର ତିଆରି କରିବାରେ ଲାଗିଛନ୍ତି । ଷ୍ଟେଟ ପ୍ରଧାନମନ୍ତ୍ରୀମାନଙ୍କର ଏକ ବୈଠକରେ ଏହି ନୂଆ କାର୍ଯ୍ୟପନ୍ଥାର ତାତ୍ପର୍ଯ୍ୟ ବୁଝାଇ ଦେବା ପାଇଁ ଓ ଶାସନବିଧାୟକ ସଭାକୁ ପ୍ରତିନିଧି ପଠାଇବା ସକାଶେ ସ୍ଥାନୀୟ ପାର୍ଲାମେଣ୍ଟମାନଙ୍କୁ କ୍ଷମତା ଦେଇ ଏକ ଘୋଷଣାପତ୍ର ତିଆରି କରିବାକୁ ୭ଜଣ ସଭ୍ୟଙ୍କୁ ନେଇ ଏକ କମିଟି ନିଯୁକ୍ତ କରିଛନ୍ତି ।

ଜର୍ମାନୀରେ ରୁଷର ସୈନ୍ୟ ଚାଳନା

ବର୍ଲିନ, ତା ୨୭।୭।୪୮—ଆଜି ଜର୍ମାନୀ ଭାଷାରେ ପ୍ରକାଶିତ ହେଉଥିବା ଏକ ବ୍ରିଟିଶ ସମ୍ବାଦପତ୍ରରୁ ପ୍ରକାଶ ପାଇଛି ଯେ ଜର୍ମାନୀର ରୁଷ ଅଧିକୃତ ଅଞ୍ଚଳରେ ବର୍ତ୍ତମାନ ୩ଲକ୍ଷ ୩୦ ହଜାର ସୈନ୍ୟ ସୈନ୍ୟ ଚାଳନାରେ ଭାଗ ନେଉଛନ୍ତି । ଉତ୍କୃଷ୍ଟ ଧରଣର ଟ୍ୟାଙ୍କ ବ୍ୟବହାର କରାଯାଉଛି । ବର୍ତ୍ତମାନ ପାଇଁ ସବୁ ସୈନ୍ୟ-ଚାଳନା ବନ୍ଦ ରଖାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ୁଛି ଯେ ବର୍ତ୍ତମାନ ଜର୍ମାନୀରେ ମୋଟରେ ପ୍ରାୟ ଲକ୍ଷେ ୭୦ ହଜାର ସୈନ୍ୟ ରହିଛନ୍ତି ।

—— (ରଏଟର)

ବର୍ଲିନ ପରିସ୍ଥିତିର ସମାଧାନ ଚେଷ୍ଟା

ଲଣ୍ଡନ, ତା ୨୭।୭—ବର୍ଲିନ ପରିସ୍ଥିତିର ସମାଧାନ ପାଇଁ ମସ୍କୋରୁ କୌଣସି ପ୍ରସ୍ତାବ ନ ଆସିବାଯାଏ ଜର୍ମାନୀ ପରିସ୍ଥିତି ବିଷୟରେ ମିଳିତ ଆଲୋଚନା କରିବାପାଇଁ ମସ୍କୋର ପ୍ରସ୍ତାବରେ ଆମେରିକା ବା ବ୍ରିଟେନ ରାଜି ହେବେ ନାହିଁ ବୋଲି ଜଣାପଡ଼ୁଛି ।

—— [ୟୁ, ପି,]

ବର୍ଲିନ ପରିସ୍ଥିତି ବିଷୟରେ କୂଟନୀତିକ ଆଲୋଚନା

ଲଣ୍ଡନ, ତା ୨୭।୭—ବ୍ରିଟେନର ବୈଦେଶିକ ଅଫିସରେ କୂଟନୀତିମୂଳକ ଆଲୋଚନା ଚାଲିଛି । ବର୍ଲିନରେ ଜାରି ହୋଇଥିବା କଟକଣା ରୁଷ ଉଠାଇବାକୁ ରାଜି ନ ହେଲେ କି ବ୍ୟବସ୍ଥା ଅବଲମ୍ବନ କରାଯିବ ବା ବର୍ଲିନ କଟକଣା ଉଠାଇ ଦେଲେ କି ଭାବରେ ଚାରିଶକ୍ତି ସମ୍ମିଳନୀ ବସିବାର ବ୍ୟବସ୍ଥା ହେବ, ସେ ବିଷୟରେ ଆଲୋଚନା ଚାଲିଛି ।

—— [ୟୁ,ପି,]

ଇଂଲଣ୍ଡ-ଆମେରିକା ପରାମର୍ଶଦାତା କାଉନ୍ସିଲ

ସାର୍ ଷ୍ଟାଫୋର୍ଡ କ୍ରିପସଙ୍କ ଘୋଷଣା

ପାରିସ, ୨୭।୭—ଆଜି ସାର୍ ଷ୍ଟାଫୋର୍ଡ କ୍ରିପସ ଘୋଷଣା କଲେ ଯେ ବ୍ରିଟିଶ ଶିଳ୍ପର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ମିଳିତ ଇଂଲଣ୍ଡ-ଆମେରିକା ପରାମର୍ଶଦାତା କାଉନ୍ସିଲ ଗଠନ କରିବା ପାଇଁ ବ୍ରିଟେନ ଓ ଆମେରିକା ନିଷ୍ପତ୍ତି କରିଛନ୍ତି । ସାର ଷ୍ଟାଫୋର୍ଡ ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଯେ ଆମେରିକା ଯୁକ୍ତରାଷ୍ଟ୍ର ଅର୍ଥନୈତିକ ସହଯୋଗ ବିଭାଗ ଆଡ଼ମିନିଷ୍ଟ୍ରେଟରଙ୍କ ସଙ୍ଗେ ତାଙ୍କର ଯେଉଁ ଆଲୋଚନା ହୋଇଥିଲା ତା ଫଳରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କାଉନ୍ସିଲରେ ବ୍ରିଟେନ ଓ ଆମେରିକା ଯୁକ୍ତରାଷ୍ଟ୍ରର ମାଲିକ ଓ ଶ୍ରମିକ ସଂଘର ପ୍ରତିନିଧିମାନେ ରହିବେ ।

—— (ରଏଟର)

ଜର୍ମାନୀରେ ଦୁର୍ଘଟଣା

ଏକ କାରଖାନାରେ ବିସ୍ଫୋରଣ ଘଟିବା ଫଳରେ ୨୦୦ ଲୋକ ମଲେ

ଲଣ୍ଡନ, ତା ୨୯।୭—ଜର୍ମାନୀର ରାଇନ ନଦୀକୂଳବର୍ତ୍ତୀ ମେନହେମ ସହରସ୍ଥ ବିଖ୍ୟାତ ପାର୍ବନ କେମିକାଲ କାରଖାନାରେ ଗତ କାଲି ଏକ ଭୀଷଣ ବିସ୍ଫୋରଣ ଘଟିବା ଫଳରେ ୨ ଶହ ଲୋକ ମରିଛନ୍ତି ଓ ୧୫ ଶହ ଲୋକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣରେ ଉକ୍ତ ସହରତମାମ କମ୍ପି ଯାଇଥିଲା ଓ ବହୁ ଘର ଧ୍ୱଂସ ହୋଇଯାଇଛି । (ରଏଟର)

——

ସମ୍ବାଦପତ୍ରର ସ୍ୱାଧୀନତା

ରୁଷ ଓ ପୋଲାଣ୍ଡ ଆନ୍ତର୍ଜାତିକ ନୀତି ଅଗ୍ରାହ୍ୟ କଲେ

ଜେନେଭା, ୨୭।୭—ମିଳିତ ଜାତିସଂଘ ଆଜି ଘୋଷଣା କଲେ ଯେ ଗତ ଅପ୍ରେଲ ମାସରେ ୫୫ଟି ରାଜ୍ୟର ପ୍ରତିନିଧିମାନେ ଏଠାରେ ସଂବାଦ ସରବରାହ ସ୍ୱାଧୀନତା ସମ୍ପର୍କରେ ଯେଉଁ ତିନୋଟି ଆନ୍ତର୍ଜାତିକ ନୀତି ନିର୍ଦ୍ଧାରଣ କରି ଦେଇଥିଲେ ରୁଷ ଓ ପୋଲାଣ୍ଡ ତାକୁ ଅଗ୍ରାହ୍ୟ କରି ଦେଇଛନ୍ତି ।

—— (ରଏଟର)

ଗ୍ରୀସର ପ୍ରଧାନମନ୍ତ୍ରୀ ଇସ୍ତଫା ଦେବେ ନାହିଁ

ଏଥେନ୍ସ, ତା ୨୭।୭—ଗ୍ରୀସର ରାଜାଙ୍କ ଅନୁରୋଧରେ ଗ୍ରୀସର ପ୍ରଧାନମନ୍ତ୍ରୀ ତାଙ୍କ ଇସ୍ତଫାପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ସେତିକିରେ ଗ୍ରୀସ ମନ୍ତ୍ରିମଣ୍ଡଳର ସଙ୍କଟ ଦୂର ହୋଇ ନଥିଲେ ମଧ୍ୟ ବର୍ତ୍ତମାନର ରାଜନୀତିକ ସଙ୍କଟମୟ ପରିସ୍ଥିତିବେଳେ, ଏତଦ୍ୱାରା ସର୍ବସାଧାରଣଙ୍କର ସନ୍ତୋଷ ପ୍ରକାଶ ପାଇଛି ।

—— (ୟୁ,ପି,)

ଆମେରିକା ଯୁକ୍ତରାଷ୍ଟ୍ରରେ ନୂଆ ନିଯୁକ୍ତ କମିଟି

ସଭାପତି ଟ୍ରୁମାନ କମିଟି ଗଠନ କଲେ

ୱାଶିଂଟନ, ତା ୨୭।୭—ସରକାରୀ ନିଯୁକ୍ତିରେ ଯେପରି କୌଣସି ଧର୍ମଗତ ବା ଜାତିଗତ ବୈଷମ୍ୟ ନ ରହେ, ସେଥିପାଇଁ ବ୍ୟବସ୍ଥା କରିବାକୁ ସଭାପତି ଟ୍ରୁମାନ ଏକ ନିଯୁକ୍ତ ବୋର୍ଡ ବସାଇଛନ୍ତି । ସଙ୍ଗେ ସଙ୍ଗେ ସୈନ୍ୟବିଭାଗ ଲୋକମାନଙ୍କ ପ୍ରତି ବ୍ୟବହାର ଓ ସୁବିଧା ଦେବାରେ ଯେପରି କୌଣସି ବୈଷମ୍ୟ ନ ରହେ, ସେଥିପାଇଁ ସେ ଏକ କମିଟି ବସାଇବା ପାଇଁ ଆଦେଶ ଦେଇଛନ୍ତି । ପ୍ରତ୍ୟେକ ସରକାରୀ ବିଭାଗର ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦିଆ ହୋଇଛି ଯେ ସେମାନଙ୍କ ବିଭାଗର ନିଯୁକ୍ତିରେ ଯେପରି କୌଣସି ବୈଷମ୍ୟ ନ ରହେ,ତା ସେମାନେ ଦେଖିବେ ।

—— [ରଏଟର]

ଦକ୍ଷିଣ ଆଫ୍ରିକା ଭାରତୀୟଙ୍କ ସମ୍ପର୍କରେ ଆଲୋଚନା

ଦକ୍ଷିଣ ଆଫ୍ରିକା ଘରୋଇ ମନ୍ତ୍ରୀଙ୍କ ଜବାବ

ଡରବାନ, ତା ୨୭।୭—ଦକ୍ଷିଣ ଆଫ୍ରିକା ଭାରତୀୟମାନଙ୍କ ବିରୁଦ୍ଧ ସମସ୍ୟା ସମ୍ପର୍କରେ ଏକ ଗୋଲଟେବୁଲ ସମ୍ମିଳନୀ ଡକାଇବାର ସମ୍ଭାବନା ସମ୍ପର୍କରେ ନେଟାଲ ଭାରତୀୟ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ପତ୍ରର ଉତ୍ତର ଦେଇ ଦକ୍ଷିଣ ଆଫ୍ରିକାର ଘରୋଇ ବିଭାଗମନ୍ତ୍ରୀ ଲେଖିଛନ୍ତି ଯେ ଘରୋଇ ବିଭାଗ ସମସ୍ୟା ଯଦି ଆଲୋଚନା ନ ହେବ, ତାହା ହେଲେ ଦକ୍ଷିଣ ଆଫ୍ରିକାସରକାର ଓ ଭାରତ ଏବଂ ପାକିସ୍ଥାନ ପ୍ରତିନିଧିଙ୍କ ଭିତରେ ଏକ ଗୋଲ-ଟେବୁଲ ସମ୍ମିଳନୀ ଡାକିବା ପାଇଁ ସେ ପ୍ରସ୍ତୁତ ଅଛନ୍ତି । ସେହି ପତ୍ରରେ ନେଟାଲ ଭାରତୀୟ ସଂଘ ନିକଟକୁ ଲେଖିଛନ୍ତି ଯେ ଏହି ଅନୁଷ୍ଠାନ ଜରିଆରେ ସରକାର ଭାରତୀୟମାନଙ୍କ ସ୍ୱାର୍ଥ ସଂଶ୍ଳିଷ୍ଟ ଯେକୌଣସି ବିଷୟ ଆଲୋଚନା କରିବାକୁ ରାଜି ଅଛନ୍ତି ଏବଂ ନିର୍ଦ୍ଧାରିତ ତାରିଖରେ ସେ ପ୍ରତିନିଧି ଦଳଙ୍କୁ ଭେଟିବେ । ଭାରତୀୟମାନେ କି କି ବିଷୟ ଆଲୋଚନା କରିବେ, ତାହା ସେ ପୂର୍ବରୁ ଜାଣିବାକୁ ଚାହିଁଛନ୍ତି । (ରଏଟର)

——

ହାଇଦରାବାଦରେ ବ୍ରିଟିଶ ଷଡ଼ଯନ୍ତ୍ର

ନେପାଳରୁ ଗୁର୍ଖା ନେଇ ନିଜାମଙ୍କୁ ଗୁପ୍ତରେ ଯୋଗାଇ ଭାରତୀୟବାହିନୀର ଗୁର୍ଖାଫୌଜ ସଙ୍ଗେ ଲଢ଼ାଇ ଦେବେ

ନେପାଳ ସରକାର ବ୍ରିଟିଶ ସରକାର ପାଖରୁ ଗୁର୍ଖାଫୌଜ ତୁରନ୍ତ ଫେରାଇ ଆଣନ୍ତୁ

ନେପାଳ ଜାତୀୟ କଂଗ୍ରେସ ସମ୍ପାଦକଙ୍କ ବିବୃତି

କଲିକତା, ତା ୨୮।୭—ନେପାଳ ଜାତୀୟ କଂଗ୍ରେସର ସମ୍ପାଦକ ଶ୍ରୀ ଡି, ବି ପେରିଭଲ ଗୋଟିଏ ବିବୃତିରେ କହିଛନ୍ତି ଯେ ସାମ୍ରାଜ୍ୟବାଦୀ ବ୍ରିଟିଶ ଔପନିବେଶିକ ସରକାରଙ୍କୁ 'ଋଣ ଲଗାଇବା' ଭିତ୍ତିରେ ଯେଉଁ ଗୁର୍ଖା ସୈନ୍ୟବାହିନୀ ଯୋଗାଇ ଦିଆଯାଇଛି ତାହାକୁ ଶୀଘ୍ର ଫେରାଇ ଅଣାଯାଉ । ଏହା ତୁରନ୍ତ ହେବା ଦରକାର ବୋଲି କହି ସେ ମତପ୍ରକାଶ କରିଛନ୍ତି ଯେ ପାଶ୍ଚାତ୍ୟ ସାମ୍ରାଜ୍ୟବାଦ ମଧ୍ୟରେ ସବୁଠାରୁ ଘୃଣ୍ୟ ସାମ୍ରାଜ୍ୟବାଦର ପଣତରେ ନିଜକୁ ଗୁଡ଼ିଙ୍କି ରଖିବା ଦ୍ୱାରା ନେପାଳର କୌଣସି ଲାଭ ହେବ ନାହିଁ । ନିଜାମ ଓ ବ୍ରିଟିଶ ସାମ୍ରାଜ୍ୟବାଦ ମଧ୍ୟରେ ଚକ୍ରାନ୍ତର ଗତି ଦିନକୁ ଦିନ ପ୍ରବଳ ବେଗରେ ବଢ଼ିବାକୁ ଲାଗିଛି । ବ୍ରିଟିଶ ନିଜାମଙ୍କ ଅବାଧତାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଦୟା ଦେଖାଇ ଉଚ୍ଚାଭିଳାଷୀ ଔପଧପତ୍ର ହାଇଦରାବାଦକୁ ଗ୍ରାସ କରିବା ବାହାନାରେ ଲୁଚିଛପିରେ ଗୁର୍ଖା ଫୌଜଙ୍କୁ ପଠାଇବା ଦିଗରେ ପୂର୍ଣ୍ଣ ସମ୍ଭାବନା ରହିଛି । ଭାରତ ବିରୁଦ୍ଧରେ ସାମ୍ରାଜ୍ୟବାଦୀମାନଙ୍କର ଷଡ଼ଯନ୍ତ୍ରମୂଳକ କୂଟନୀତିକ ପେଞ୍ଚ ଖେଳ ଏଥର ପୁରା ପଦାରେ ପଡ଼ିଗଲାଣି । ଏତେବେଳେ ଯେ କୌଣସି ଘଟଣା ଘଟିବ ସମ୍ଭବ । ଯଦି ଏହାହିଁ ହୁଏ ଅର୍ଥାତ୍ ଯଦି ବ୍ରିଟିଶ ଔପନିବେଶିକ ସରକାର ନିଜାମଙ୍କ ସାହାଯ୍ୟାର୍ଥେ ଗୁର୍ଖାବାହିନୀ କୌଶଳକ୍ରମେ ହାଇଦରାବାଦକୁ ପଠାନ୍ତି, ତାହାହେଲେ ଭାରତୀୟ ସୈନ୍ୟବାହିନୀରେ ଥିବା ଗୁର୍ଖା ଫୌଜ ତାଙ୍କର ରକ୍ତସମ୍ପର୍କ ଥିବା ଭାଇମାନଙ୍କ ସହିତହିଁ ଲଢ଼ିବେ । କାରଣ ନେପାଳ ବ୍ରିଟିଶ ସରକାରଙ୍କୁ ଯୋଗାଇ ଥିବା ଗୁର୍ଖାମାନେ ହାଇଦରାବାଦ ପକ୍ଷରୁ ଯୁଦ୍ଧ କରିବେ ।

—— [ୟୁ,ପି]

ଓଡ଼ିଶା ହାଇକୋର୍ଟ

ପ୍ରଥମ ମକଦ୍ଦମା ଶୁଣାଣି

କଟକ ତା ୨୭।୭—ଗତ କାଲି ଓଡ଼ିଶା ହାଇକୋର୍ଟରେ ପ୍ରଥମ ଅପିଲ ଶୁଣାଣିରେ ଆସାମୀ ଖଲାସ ହୋଇଛନ୍ତି । ପ୍ରଧାନ ବିଚାରପତି ମାନ୍ୟବର ରାୟ ଓ ଅନ୍ୟତମ ବିଚାରପତି ମାନ୍ୟବର ଜଗନ୍ନାଥ ଦାସ ଏକ ଫୌଜଦାରୀ ରିଭିଜନ ଦରଖାସ୍ତ ଶୁଣିଥିଲେ । ଅଭିଯୋଗ ଯେ ପାରଳାଖେମୁଣ୍ଡି ଥାନାର ଜଣେ ହାବିଲଦାରକୁ ୧୯୪୫ ରେ ଓଡ଼ିଶା ବାହାରକୁ ସୁତା ଚାଲାଣ କରୁଥିବା ଅଭିଯୋଗରେ ଧରା ହୋଇଥିବା ଦୁଇଜଣ ଲୋକଙ୍କୁ ଛାଡ଼ିଦେବା ଉଦ୍ଦେଶ୍ୟରେ ଲାଞ୍ଚ ଯାଚୁଥିବା ଅଭିଯୋଗରେ ଘନଶ୍ୟାମ ନାମକ ଜଣେ ଲୋକଙ୍କୁ ତଳ କୋର୍ଟରେ ଦଣ୍ଡ ହୋଇଥିଲା । ଦରଖାସ୍ତକାରୀ ପକ୍ଷରୁ ଯୁକ୍ତି ହୋଇଥିଲା ଯେ ଯେଉଁବେଳେ ସେ ଉକ୍ତ ଦୁଇଜଣ ଲୋକଙ୍କୁ ଗିରଫ କରିଥିଲା ସେତେବେଳେ ସେ ଡିଉଟିରେ ନ ଥିଲା ଓ ଲାଞ୍ଚ ଯାଚିବାବେଳେ ମଧ୍ୟ ସେ କାମରେ ନ ଥିଲା । ପ୍ରଧାନ ବିଚାରପତି ସରକାରପକ୍ଷ ଦୋଷ ଯଥାର୍ଥ ଭାବରେ ପ୍ରମାଣ କରାଇ ପାରି ନାହାନ୍ତି ବୋଲି ରାୟ ଦେଇଥିଲେ ଓ ତେଣୁ ଆସାମୀକୁ ଖଲାସ କରିବା ପାଇଁ ଆଦେଶ ଦେଇଥିଲେ ।

ଆସାମୀ ପକ୍ଷରୁ ଆଡ଼ଭୋକେଟ ଶ୍ରୀଯୁକ୍ତ ବିମଳକୃଷ୍ଣ ପାଲ ଓ ସରକାର ପକ୍ଷରୁ ଆଡ଼ଭୋକେଟ ଜେନେରାଲ ସ୍ୱାମୀ ବିଚିତ୍ରାନନ୍ଦ ଦାସ ଲଢ଼ୁଥିଲେ ।

——

ରାଜଭୀଙ୍କ ଆସ୍ଫାଳନ

ଛଅଶହ ବର୍ଷରେ ବି ଭାରତ ହାଇଦରାବାଦ ଆକ୍ରମଣ କରି ପାରିବ ନାହିଁ !

ଗୃହଆଡ଼େ ଯୁଦ୍ଧ ଲାଗିଲେ ସେ ଦାୟୀ ହେବେ ନାହିଁ

'ସ୍ୱାଧୀନ ହାଇଦରାବାଦ' ପାଇଁ ହାଇଦରାବାଦୀ ହିନ୍ଦୁ ଲଢ଼ନ୍ତୁ ବୋଲି କୌଶଳପୂର୍ଣ୍ଣ ଡାକରା

ହାଇଦରାବାଦ, ତା ୨୮।୭—ପରଭଣୀ ଷ୍ଟେସନରେ ସାଧାରଣ ସଭାରେ ଭାଷଣ ଦେଇ 'ରାଜାକର' ନେତା କାଶିମ ରାଜଭୀ ଘୋଷଣା କଲେ, "ଗଲା ଛଅମାସ ହେଲା କୁହାହେଉଛି ଯେ ଭାରତ ହାଇଦରାବାଦ ଆକ୍ରମଣ କରିବ । କିନ୍ତୁ ଛଅମାସ କଣ ଛଅଶହ ବର୍ଷରେ ବି ଭାରତ ଆକ୍ରମଣ କରିପାରିବ ନାହିଁ । ହାଇଦରାବାଦ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ ଭାରତୀୟମାନେ ନିଜକୁ ନିଜେ ନିପାତ କରିବେ । ଭାରତ ଅର୍ଥନୈତିକ ଅବରୋଧ ହାଇଦରାବାଦ ବିରୁଦ୍ଧରେ ପ୍ରୟୋଗ କରିଦେଲେ । ଆମେ ସେଥିରେ ତାହା ବିରୁଦ୍ଧରେ କିଛି କରିପାରିଲୁ ନାହିଁ । ଯଦି ଗୋଟାଏ ପ୍ରଳୟ ନିଆଁ ଲାଗିଯାଏ ଓ ତାହା ଗୃହଆଡ଼କୁ ବ୍ୟାପିଯାଏ ତାହାହେଲେ ସେତେବେଳେ ଆଉ ମୋତେ ଦାୟୀ କରାଯାଇ ପାରିବ ନାହିଁ । ହାଇଦରାବାଦର ସ୍ୱାଧୀନତା ରକ୍ଷା କରିବାଲାଗି ହିନ୍ଦୁମାନେ ମୁସଲମାନମାନଙ୍କ ସହିତ ଏକ ହୋଇ ସଂଘବଦ୍ଧ ଭାବରେ ଛିଡ଼ା ହୁଅନ୍ତୁ ବୋଲି ସେ ସେମାନଙ୍କୁ (ହିନ୍ଦୁଙ୍କୁ) ନିବେଦନ କଲେ । ଶେଷରେ ସେ ହାଇଦରାବାଦର "ଭାଗ୍ୟ-ନିର୍ମାତାମାନଙ୍କୁ" ଅନୁରୋଧ ଜଣାଇଲେ ଯେ ସେମାନେ "ହାଇଦରାବାଦୀଙ୍କର ଭାଗ୍ୟ ଓ ସାର୍ବଭୌମ କ୍ଷମତା" ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୁଅନ୍ତୁ ଓ ଏହାକୁ ରକ୍ଷା କରନ୍ତୁ ।

—— (ୟୁ, ପି,)

ହାଇଦରାବାଦର ଆରବ ଓ ପଠାଣ ଆକ୍ରମଣକାରୀ

ଭାରତୀୟ ଫୌଜର ଗୁଳିମାଡ଼ରେ ତିନି ଜଣ ମଲେ

ସୋଲାପୁର ତା ୨୮।୭—ହାଇଦରାବାଦ ସୀମା ନିକଟବର୍ତ୍ତୀ ବୋରାୱାଡ଼ି ଗାଁ ଉପରେ ଯେଉଁ ଆରବ ଓ ପଠାଣ ଦଳ ଚଢ଼ାଉ କରିଥିଲେ, ସେମାନଙ୍କ ଭିତରୁ ତିନିଜଣ ଭାରତୀୟ-ଫୌଜର ଗୁଳି ମାଡ଼ରେ ମରିଛନ୍ତି । ଲଢ଼େଇରେ ଜଣେ ପୁଲିସ ସାମାନ୍ୟ ଗୁଳିମାଡ଼ ଖାଇଛନ୍ତି ବୋଲି କହାଯାଇଛି । ବାର୍ସି-କୁର୍ଦୁୱାଡ଼ି ରାସ୍ତା ପାର୍ଶ୍ୱରେ ଅବସ୍ଥିତ ପଣ୍ଡୋସର୍ୱାଡ଼ି ଗାଁ ଉପରେ ଚଢ଼ାଉ କରିବାକୁ ଦଳେ ରାଜାକର ଚେଷ୍ଟା କରିଥିଲେ, କିନ୍ତୁ ଗ୍ରାମରକ୍ଷୀ ବାହିନୀ ପହଞ୍ଚିବାରୁ ସେମାନେ ପଳାଇଗଲେ ବୋଲି ସମ୍ବାଦ ମିଳିଛି । (ଏ, ପି,)

——

ମିଳାମିଶା ପାଇଁ ନିଜାମଙ୍କ ଚେଷ୍ଟା

ସାର ମିର୍ଜା ଇସମାଇଲ ଏଥିପାଇଁ ଦିଲ୍ଲୀ ଯାଉଛନ୍ତି

ମାନ୍ଦ୍ରାଜ, ତା ୨୮।୭—ଜଣାଯାଇଛି ଯେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ଦେଶୀୟ ରାଜ୍ୟ ବିଭାଗ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ସହିତ ହାଇଦରାବାଦ ସମସ୍ୟା ସମ୍ପର୍କରେ ଆଲୋଚନା କରି ନୂଆ ସମାଧାନ ସୂତ୍ର ବାହାର କରିବା ଲାଗି ସାର ମିର୍ଜା ଇସମାଇଲ ଶୀଘ୍ର ଏଠାରୁ ନୂଆଦିଲ୍ଲୀ ଯିବେ ।

—— (ୟୁ, ପି,)

ମଧ୍ୟପ୍ରଦେଶରେ ହାଇଦରାବାଦର ଗୁପ୍ତଚର

ଜୁଲାଇ ୧୫ ତାରିଖ ସୁଦ୍ଧା ୭୦ ଜଣ ଗିରଫ ହୋଇଛନ୍ତି

ନାଗପୁର, ତା ୨୮।୭—ଜୁଲାଇ ୧୫ ତାରିଖ ସୁଦ୍ଧା ହାଇଦରାବାଦ ପକ୍ଷରେ ଗୋଇନ୍ଦାଗିରି କରୁଥିବାରୁ ୭୦ ଜଣ ଲୋକଙ୍କୁ ଗୁପ୍ତଚର ଭାବରେ ମଧ୍ୟ ପ୍ରଦେଶରେ ଗିରଫ କରାଯାଇଛି । ପ୍ରାଦେଶିକ ସରକାର ସୀମାନ୍ତ ଅଞ୍ଚଳରେ ଟହଲଦାର ଜଗୁଆଳ ବ୍ୟବସ୍ଥା କରାଇଛନ୍ତି ।

—— [ୟୁ,ପି,]

ସାତଶହ ହିନ୍ଦୁ ପରିବାର ମୁସଲମାନ ହେଲେ

ରାଜାକରମାନେ ବଳପ୍ରୟୋଗ କରି ହିନ୍ଦୁଙ୍କୁ ମୁସଲମାନ କରାଉଛନ୍ତି

ନାଗପୁର, ତା ୨୮।୭—ଏଠାରେ ସଂବାଦ ପହଞ୍ଚିଛି ଯେ ହାଇଦରାବାଦରେ ଗୋଟିଏ ଅଞ୍ଚଳରେ ୭୦୦ ହିନ୍ଦୁ ପରିବାରଙ୍କୁ ବଳପ୍ରୟୋଗ ଦ୍ୱାରା ମୁସଲମାନ କରାଯାଇଛି । ସୀମାନ୍ତ ଅଞ୍ଚଳରେ ଆଶ୍ରୟପ୍ରାର୍ଥୀଙ୍କଠାରୁ ଅକଥନୀୟ ଅତ୍ୟାଚାର କାହାଣୀ ଶୁଣାଯାଉଛି ।

[ୟୁ, ପି,]

କଟକ ବେତାରକେନ୍ଦ୍ର

୨୨୧-୪ ମିଟରରେ ପ୍ରଚାରିତ

୩୦।୭।୪୮—ଶୁକ୍ରବାର

ସକାଳ—୭-କ୍ଲାରିଓନେଟ (ରେକର୍ଡ), ୭।୪-ଶରୀରକୁ ସୁସ୍ଥ ରଖନ୍ତୁ; ୭।୧୦-ଭଜନ (ମୃତ୍ୟୁଞ୍ଜୟ ପଣ୍ଡା); ୭।୨୦-ଓଡ଼ିଆରେ ସମ୍ବାଦ, ୭।୩୦-ଆଧୁନିକ (ରବିଘୋଷ), ୭।୪୫-ଓଡ଼ିଶୀ (ପ୍ରତିମା ମିଶ୍ର), ୮-ଇଂରାଜୀରେ ସମ୍ବାଦ ୮।୧୦-ଆଧୁନିକ ଓ ଭଜନ (କଲ୍ୟାଣୀ ଘୋଷ), ୮।୩୦-ବେହେଲା (ଧ୍ରୁବଚରଣ ସାହୁ), ୮।୪୫-ଗୀତ ଓ ଗଜଲ (ରେକର୍ଡ); ୯-ବିରତି ।

ମଧ୍ୟାହ୍ନ—୧-ପଲ୍ଲୀଗୀତ (ରେକର୍ଡ), ୧।୨୦-ଓଡ଼ିଆରେ ସମ୍ବାଦ, ୧।୨୫-ରେକର୍ଡ, ୧।୩୦-ଇଂରାଜୀରେ ସମ୍ବାଦ, ୧।୪୦-ନାରୀ ମହଲ (ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ, ସଙ୍ଗୀତ, ବାହାର ଦୁନିଆ, ଯନ୍ତ୍ର ସଙ୍ଗୀତ), ୨-ବିରତି ।

ସନ୍ଧ୍ୟା—୫-ଆଧୁନିକ (କଲ୍ୟାଣୀ ଘୋଷ) ୫।୧୫ ଓଡ଼ିଶୀ (ଦ୍ୱାରିକାନାଥ ଦାସ), ୫।୩୦ ଉଚ୍ଚାଙ୍ଗ (ରେକର୍ଡ), ୫।୪୫-ଭଜନ (ରବି ଘୋଷ, ୬-ଇଂରାଜୀରେ ସମ୍ବାଦ, ୬।୧୦-ସ୍ଥାନୀୟ ଘୋଷଣା; ୬-ଇଂରାଜୀରେ ସମ୍ବାଦ, ୬।୧୦ ସ୍ଥାନୀୟ ଘୋଷଣା, ୬।୨୦-ସହରଠାରୁ ଦୂରରେ-ପରିଚାଳନା କଣ୍ଠୁ ପଧାନ (ବେହେଲା-ଧ୍ରୁବଚରଣ ସାହୁ-ସମ୍ବାଦ ସ୍ୱାସ୍ଥ୍ୟହିଁ ସମ୍ପଦ, ଗୀତ), ୬।୪୫-ଆଧୁନିକ, ୭-ଆଲୋଚନା, ୭।୧୫-ଆଧୁନିକ (ରେକର୍ଡ), ୭।୩୦-ଓଡ଼ିଶୀ (ମୃତ୍ୟୁଞ୍ଜୟ ପଣ୍ଡା,) ୭।୪୫-ଓଡ଼ିଆରେ ସମ୍ବାଦ, ୮-ରେକର୍ଡ, ୮।୫-ଆଧୁନିକ (ରବି ଘୋଷ) ୮।୧୫-ଚମ୍ପୂ ଓ ଭଜନ (ରାମଚନ୍ଦ୍ର ମହାପାତ୍ର) ୮।୩୦-ଦିଲ୍ଲୀରୁ ପ୍ରଚାରିତ, ୯-ଇଂରାଜୀରେ ସମ୍ବାଦ, ୯।୧୫-ରବୀନ୍ଦ୍ର ସଙ୍ଗୀତ, ୯।୩୦-ସମାପ୍ତ ।

୩୧।୭।୪୮—ଶନିବାର

ସକାଳ—୭-ବେହେଲା-ଭୁବନେଶ୍ୱର ମିଶ୍ର; ୭।୪-ଶରୀରକୁ ସୁସ୍ଥ ରଖନ୍ତୁ, ୭।୧୦-ଭଜନ (ମୃତ୍ୟୁଞ୍ଜୟ ପଣ୍ଡା); ୭।୨୦-ଓଡ଼ିଆରେ ସମ୍ବାଦ, ୭।୩୦-ଆଧୁନିକ; ୭।୪୦-ସେତାର (ବିମଳକାନ୍ତ ଆଗରୱାଲ); ୭।୫୦-ଭଜନ (ରେକର୍ଡ); ଇଂରାଜୀରେ ସମ୍ବାଦ; ୮।୧୫-ଓଡ଼ିଶୀ (ସୁଧୀର କୁମାର ଦତ୍ତ); ୮।୩୦-ରାଗ ସଙ୍ଗୀତ (ରେକର୍ଡ); ୮।୪୫-ଆଧୁନିକ (ବୁଦ୍ଧିଆ ପଟ୍ଟନାୟକ); ୯-ବିରତି ।

ମଧ୍ୟାହ୍ନ—୧-ଗୀତ (ରେକର୍ଡ); ୧।୨୦-ଓଡ଼ିଆରେ ସମ୍ବାଦ; ୧।୨୫-ରେକର୍ଡ; ୧।୩୦-ଇଂରାଜୀରେ ସମ୍ବାଦ; ୧।୪୦-ନାରୀମହଲ (ନାରିକେଳ-ନାଟିକା ରେକର୍ଡ; ଆସନ୍ତା ସପ୍ତାହରେ କଣ କରିବ । ଯନ୍ତ୍ରସଙ୍ଗୀତ-ରେକର୍ଡ); ୨-ବିରତି ।

ସନ୍ଧ୍ୟା—୫-ଆଧୁନିକ; ୫।୧୦-ଭଜନ; ୫।୨୦-ରୂପକଥା (ରେକର୍ଡ); ୫।୪୦-ଆଧୁନିକ, ୫।୫୦-ପୁରାତନୀ (ରେକର୍ଡ), ୬-ଇଂରାଜୀରେ ସମ୍ବାଦ, ୬।୧୦-ସ୍ଥାନୀୟ ଘୋଷଣା, ୬।୨୦-ସହରଠାରୁ ଦୂରରେ-ପରିଚାଳନା କଣ୍ଠୁ ପଧାନ (ପଲ୍ଲୀଗୀତ, ସାପ୍ତାହିକ ବଜାର ଦର, ଆମ୍ଭମାନଙ୍କ ଖାଦ୍ୟ ସମସ୍ୟା; ରେକର୍ଡ), ୬।୪୫-ଗୀତ (ରେକର୍ଡ), ୭-ଆପଣମାନଙ୍କ ଚିଠି ପାଇଛୁ, ୭।୧୦-ଭାୟୋଲିନ, ୭।୨୦ ଯନ୍ତ୍ର ସଙ୍ଗୀତ ପରିଚାଳନା ମନୋରଞ୍ଜନ ମୁଖାର୍ଜି, ୭।୩୦ ଓଡ଼ିଶୀ (ମୃତ୍ୟୁଞ୍ଜୟ ପଣ୍ଡା), ୭।୪୫-ଓଡ଼ିଆରେ ସମ୍ବାଦ, ୮-ଠୁମ୍ରୀ (ବିମଳକାନ୍ତ ଆଗରୱାଲ), ୮।୧୫-ବିଶ୍ୱବିଦ୍ୟାଳୟ ପାଠ, ୮।୩୫-ରବୀନ୍ଦ୍ର ସଙ୍ଗୀତ (ରେକର୍ଡ), ୯-ଇଂରାଜୀରେ ସମ୍ବାଦ, ୯।୧୫-ଦେଶ ହାମାରା ହିନ୍ଦୁସ୍ଥାନ (ରେକର୍ଡ), ୯।୩୦-ସମାପ୍ତ ।

——

କଟକ ଇଲେକ୍ଟ୍ରିକ୍ କମ୍ପାନୀ

ତଗରପଡ଼ା ଅଞ୍ଚଳ ଲୋକଙ୍କ ଆପତ୍ତି

କଟକ, ତା ୨୮।୭—ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏକ ପତ୍ରରେ ଲେଖିଛନ୍ତି ଯେ ତଗରପଡ଼ା ଷ୍ଟେସନ ରୋଡ଼ ଅଞ୍ଚଳର ଲୋକେ କଟକ ଇଲେକ୍ଟ୍ରିକ କମ୍ପାନୀ ପାଖରେ ସେ ଅଞ୍ଚଳରେ ବିଜୁଳି ଆଲୁଅ ଦେବାପାଇଁ ବହୁବାର ଆବେଦନ ନିବେଦନ କରି ଆସୁଛନ୍ତି । ଆଗରୁ ଲାଇନ ଦେବାରେ କଟକଣା ଅଛି, ଜିନିସପତ୍ରର ଅଭାବ ଆଦି ଅସୁବିଧା ଦର୍ଶାଇ କମ୍ପାନୀ କର୍ତ୍ତୃପକ୍ଷ ଏ ଅଞ୍ଚଳରେ ଲାଇନ ଦେଇ ନ ଥିଲେ । ଏବେ ସେସବୁ ଅସୁବିଧା ଦୂର ହେଲାଣି; ସହରର ଅନ୍ୟାନ୍ୟ କେତେକ ଅଞ୍ଚଳରେ ନୂଆ ଲାଇନ ଦିଆ ଯାଉଛି । ମାତ୍ର ଏ ଅଞ୍ଚଳକୁ ଲାଇନ ଦିଆ ନ ଯିବା କାରଣ କିଛି ବୁଝା ପଡ଼ୁନାହିଁ । କମ୍ପାନୀ କର୍ତ୍ତୃପକ୍ଷ ଏ ଅଞ୍ଚଳ ଲୋକଙ୍କ ଆବେଦନର ଶୀଘ୍ର ସୁବିଚାର କରିବେ ବୋଲି ଆଶା ।

——

ବୈଦ୍ୟରତ୍ନ ବାଲୁକେଶ୍ୱର ଆଚାର୍ଯ୍ୟଙ୍କ ଶ୍ରାଦ୍ଧଦିବସ

କଟକ ତା ୨୯।୭—ଆଜି ବୈଦ୍ୟରତ୍ନ ବାଲୁକେଶ୍ୱର ଆଚାର୍ଯ୍ୟଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ ତାଙ୍କ ପୁଅ ବୈଦ୍ୟରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ କଟକ କୁଷ୍ଠାଶ୍ରମକୁ ୫୦୦୦, କଟକ ଶିଶୁସଦନକୁ ୫୦୦ ଓ କଟକ ଅନାଥାଶ୍ରମକୁ ୫୦୦ 'ସମାଜ' ସମ୍ପାଦକଙ୍କ ଜରିଆରେ ଦାନ କରିଛନ୍ତି ।

——